# ସ୍ମୃତି ମହ୍ଲାର

ସ୍ମୃତି ମହ୍ଲାରେ ବିଧ୍ୱନିତ କର
ମନ ମନ୍ଦିର ମୋର
କନକ ଚଂପା ସୌରଭେ ବାସୁଗୋ
ବାସ ମୋ ସୁନ୍ଦର ଚିର
ମଧୁ ଗୁଞ୍ଜନ କର୍ଣ୍ଣ ପଟଳରେ
ଶୁଣାଇ ଦିଅ ଗୋ ଥରେ
କହିଦିଅ ଥରେ ପ୍ରଣୟ ବିନା ଗୋ
ପ୍ରିୟ ବଂଚି ନପାରେ
ସର୍ପ ସମ ଲାଗେ କୃଷ୍ଣ କବରୀ
କୌମୁଦୀ ଯେ ସୂର୍ଯ୍ୟ ପ୍ରଭା
ମନର ଯମୁନା ରିକ୍ତ ଲାଗଇ
ଶୂନ୍ୟଲାଗେ ପୂର୍ଣ୍ଣଗର୍ଭା ।
ହେମ ପିତାମ୍ବରୀ ତିକ୍ତ ଲାଗଇ
କଜଳ ଶୋହେନା ଅଙ୍ଗେ
ହୃଦୟ ଲାଗଇ ତପ୍ତ ବୈଶାଖୀ
ମାଣିକ ପଥର ଲାଗେ
ପୂର୍ଣ୍ଣିମା ଲାଗଇ ତିକ୍ତ ଅମା ରାତ୍ରି
ତୁମରି ପରଶ ବିନା
ହେମନ୍ତ ଲାଗଇ ସୁସଞ୍ଚ ବସନ୍ତ
ତୁମେ ପାଶେ ଥିଲେ ସିନା
ଅରଣ୍ୟ ଲାଗଇ ନନ୍ଦନବନ
ତୁମ ସ୍ମୃତି ଯେବେ ଜାଗେ
କୁହବାରେ ସଖି ପ୍ରେମ ବିଥିକାରେ କବି
କାହିଁ ସ୍ନେହ ମାଗେ ?